# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 September - 2024**

**News Editor : *Itishree Singh Rathaur***

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଏହା ୧୧୪ତମ ସଂସ୍କରଣ ହେବ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍‌କି ବାତ୍ କାର୍ଯ୍ୟକ୍ରମ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ମନ୍ କି ବାତ୍‌ର ହିନ୍ଦୀ ପ୍ରସାରଣ ପରେ ଆଞ୍ଚଳିକ ଭାଷାରେ ମନ୍‌କି ବାତ ପ୍ରସାରଣ କରାଯିବ । ପୁଣିଥରେ ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପ୍ରସାରଣ କରାଯିବ।

## କ୍ୟାବିନେଟ୍ ନିଷ୍ପତ୍ତି

ସାଧାରଣ ବର୍ଣ୍ଟନ ବ୍ୟବସ୍ଥାରେ ଲୋକମାନଙ୍କୁ ସୁଲଭ ମୂଲ୍ୟରେ ଖାଉଟି ସାମଗ୍ରୀ ଯୋଗାଉଥିବା ବେସରକାରୀ ଡିଲରମାନଙ୍କ ବଦଳରେ

ଆନୁଷ୍ଠାନିକ ଡିଲର ନିଯୁକ୍ତି ପାଇଁ ସରକାର ସମୟସୀମା ଆସନ୍ତା ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଯେଉଁ ସ୍ଥାନଗୁଡ଼ିକରେ ଆନୁଷ୍ଠାନିକ ଡିଲର ନିଯୁକ୍ତି ନ ପାଇବେ, ବେସରକାରୀ ଡିଲରମାନେ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ରହିବେ। ବର୍ତ୍ତମାନ ରାଜ୍ୟରେ ୧୧ ହଜାର ୯୩୧ଟି ସୁଲଭ ମୂଲ୍ୟ ଦୋକାନ ମାଧ୍ୟମରେ ଖାଉଟି ସାମଗ୍ରୀ ଗ୍ରାହକମାନଙ୍କୁ ଦିଆଯାଉଛି। ସେମାନଙ୍କ ଭିତରୁ ୫ହଜାର ୨୪୨ ଜଣ ବେସରକାରୀ ଡିଲର ଅଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ମନ୍ତ୍ରିମଣ୍ଡଳ ବୈଠକରେ ୬ଟି ବିଭାଗର ୭ଟି ପ୍ରସ୍ତାବ ପାରିତ ହୋଇଛି।

## କ୍ୟାବିନେଟ୍-୨

ତୃଣମୂଳ ସ୍ତରରେ ମଇଁଷି ଗୋପାଳନ କରୁଥିବା ଏବଂ ତୃଣ ଉତ୍ପାଦନ କରୁଥିବା ପ୍ରାୟ ୧୫ ଲକ୍ଷ ୪୭ ହଜାର ୮୩୭ ଜଣ ଚାଷୀଙ୍କ ପାଇଁ ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ୧ ହଜାର ୪୨୩ କୋଟି ଟଙ୍କା ଖର୍ଚ୍ଚ କରିବେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ସରକାର ଏହି କାର୍ଯ୍ୟକ୍ରମକୁ ଜାରି ରଖିବା ପାଇଁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆସନ୍ତାକାଲି ସୋମବାର ଦିନ ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ ଜରୁରୀ ସରକାରୀ କାର୍ଯ୍ୟ ଥିବାରୁ ୟୁନିଟ୍ ୫

ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀ- ଜିଲ୍ଲାପାଳ ସମ୍ମିଳନୀ

ସ୍ୱଚ୍ଛ ଶାସନ, ତ୍ୱରିତ ନିଷ୍ପତ୍ତି, ଉତ୍ତର ଦାୟିତ୍ୱବୋଧତା ସହିତ ସାମାଜିକ ନ୍ୟାୟ ଓ ସମାବେଶୀ ଶାସନ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଠାରେ ଚାଲିଥିବା ଦୁଇ ଦିନିଆ ଜିଲ୍ଲାପାଳ ଆରକ୍ଷୀ ଅଧୀକ୍ଷକ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ  ମୁଖ୍ୟମନ୍ତ୍ରୀ କହିଛନ୍ତି, ଅଧିକାରୀମାନେ ନୂତନ କାର୍ଯ୍ୟଶୈଳୀ ଗ୍ରହଣ କରିବା ସହିତ ସରକାରଙ୍କ ଆଭିମୁଖ୍ୟ ଏବଂ ଦୃଷ୍ଟିକୋଣକୁ ହୃଦୟଙ୍ଗମ କରିବା ଉଚିତ।  ଆଇନଶୃଙ୍ଖଳା ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପୁଲିସ ବିଭାଗକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଛି। ଆଇନର ପରିସର ଓ ମର୍ଯ୍ୟାଦା ମଧ୍ୟରେ ରହି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଏବଂ ଲୋକଙ୍କୁ ନ୍ୟାୟ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ସହିଦ ଦିବସ ପାଳିତ

ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକର ରକ୍ତତୀର୍ଥ ଇରମ ଠାରେ ଶହୀଦ ଦିବସ ପାଳନ ଅବସରରେ ଗତକାଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ଅଶୋକ ଦାସ ସମେତ ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ବର୍ଗର ଲୋକମାନେ ସାମିଲ ହୋଇ ଶହୀଦ

ପୀଠରେ ସହିଦମାନଙ୍କୁ ମାଲ୍ୟାର୍ପଣ କରିବା ସହ ପୋଲିସ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ସୂଚନାଯୋଗ୍ୟ ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନ ସମୟରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ଇଂରେଜ ଶାସନ ବିରୁଦ୍ଧରେ ଲଢ଼େଇ କରି ୨୯ ଜଣ ସଂଗ୍ରାମୀ ଶହୀଦ ହୋଇଥିଲେ ।

# ବିଶ୍ୱ ହୃଦ୍ ଦିବସ

ହୃତ୍‌ପିଣ୍ଡର ଯତ୍ନ ଏବଂ ହୃତ୍‌ପିଣ୍ଡ ବିଷୟରେ ଲୋକମାନଙ୍କୁ ସଚେତନ କରାଇବା ଲାଗି ଆଜି ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳନ କରାଯାଉଛି । 'ହୃତ୍‌ପିଣ୍ଡର ଉତ୍ତମ ବ୍ୟବହାର' ଚଳିତ ବର୍ଷର ବିଶ୍ୱ ହୃତ୍‌ପିଣ୍ଡ ଦିବସର ବାର୍ତ୍ତା ରହିଛି । ଉଚ୍ଚରକ୍ତଚାପ, ମଧୁମେହ, ଅତ୍ୟଧିକ କୋଲେଷ୍ଟ୍ରଲ, ମୋଟାପଣ, ମାନସିକ ଦୁଃଶ୍ଚିନ୍ତା, ଧୂମପାନ, କମ୍ ପରିଶ୍ରମ ଏବଂ ବଦଳୁଥିବା ଜୀବନଶୈଳୀ ପାଇଁ ଲୋକମାନେ ହୃଦ୍‌ରୋଗର ଶୀକାର ହେଉଛନ୍ତି । ପୃଥିବୀରେ ପ୍ରତ୍ୟେକ ବର୍ଷ ୧ କୋଟି ୭୦ ଲକ୍ଷ ଲୋକ ହୃଦ୍‌ରୋଗରେ ମୃତ୍ୟୁବରଣ କରିଥାନ୍ତି । ସେମାନଙ୍କ ମଧ୍ୟରୁ ମଧ୍ୟମ ଏବଂ କମ୍ ଆୟ ଦେଶର ପ୍ରାୟ ୮୦ ପ୍ରତିଶତ ଲୋକଙ୍କର ମୃତ୍ୟୁ ହୋଇଥାଏ ।

# ନର୍ସିଂ କର୍ମଚାରୀ ଆନ୍ଦୋଳନ ସ୍ଥଗିତ

ରାଜ୍ୟ ସରକାର ନର୍ସିଂ କର୍ମଚାରୀ ସଂଘ ସହ ଆଲୋଚନା କରିବା ପରେ ଆନ୍ଦୋଳନରତ ନର୍ସିଂ କର୍ମଚାରୀମାନେ ଆଜିଠାରୁ କାମରେ ଯୋଗଦେବେ ବୋଲି ଜଣାପଡ଼ିଛି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ନର୍ସିଂ କର୍ମଚାରୀ ସଂଘକୁ ଆନ୍ଦୋଳନରୁ ଓହରିବାକୁ ନିବେଦନ କରିବା

ପରେ ସଂଘ ପକ୍ଷରୁ ଆନ୍ଦୋଳନରୁ ଓହରି ପାଇଁ ନିଷ୍ପତ୍ତି ନିଆଯାଇଛି । ନର୍ସିଂ କର୍ମଚାରୀ ସଂଘର ଦାବି ଉପରେ ଆଲୋଚନା କରିବା ପାଇଁ ଏକ ଅନ୍ତଃବିଭାଗୀୟ କମିଟି ଗଠନ କରାଯିବ ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ।